# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 471 CUTTACK, FRIDAY, MARCH 31, 2006 / CHAITRA 10, 1928**



## ରାଜସ୍ୱ ବିଭାଗ

ଘୋଷଣା

ତାରିଖ 16 ମାର୍ଚ୍ଚ 2006

ସଂଖ୍ୟା 9773—ଏଲ୍.ଏ.-ରେଲୱେ-43/2005-କଟକ-ରା.--ଯେହେତୁ ଓଡ଼ିଶା ରାଜ୍ୟରେ ସଂଘ ଉଦ୍ଦେଶ୍ୟରେ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଛି ଏବଂ ଯେହେତୁ ସମ୍ବିଧାନର ଅନୁଚ୍ଛେଦ 258ର ଖଣ୍ଡ (1)ରେ ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ରାଷ୍ଟ୍ରପତିଙ୍କ ଅଧିସୂଚନା ସଂଖ୍ୟା 12011—32/17/84-ଏଲ୍. ଆର. ଡି., ତାରିଖ 25 ଅକ୍ଟୋବର 1985ରେ ସଂଘ ଉଦ୍ଦେଶ୍ୟରେ ଏହି ରାଜ୍ୟରେ ଭୂମି ଅର୍ଜନ କରିବା ସମ୍ପର୍କରେ ଭୂମି ଅର୍ଜନ ଅଧିନିୟମ, 1894 (1894 ର 1) ଅନୁଯାୟୀ କେନ୍ଦ୍ର ସରକାରଙ୍କ କୃତ୍ୟକୁ ରାଜ୍ୟ ସରକାରଙ୍କ ସମ୍ମତିକ୍ରମେ ତାଙ୍କ ଉପରେ ନ୍ୟସ୍ତ କରିଛନ୍ତି ; ଏବଂ ଯେହେତୁ ପ୍ରାୟ 0.76 ଏକର ପରିମିତ ଭୂମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ ନିମନ୍ତେ ମୌଜା ବଡଗାଁ (ଅତିରିକ୍ତ), ଥାନା ପାଟକୁରା, ଜିଲ୍ଲା କେନ୍ଦ୍ରାପଡ଼ାରେ ଆବଶ୍ୟକ ହେଉଅଛି ।

ସୁତରାଂ ଭୂ-ଅର୍ଜନ (ସଂଶୋଧିତ ) ଆଇନ, 1984 ଦ୍ୱାରା ସଂଶୋଧିତ ହେବା ପ୍ରକାରେ ଉକ୍ତ ଅଧିନିୟମର ଧାରା 6 ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗକ୍ରମେ ରାଜ୍ୟ ସରକାର ଏତଦ୍ୱାରା ଘୋଷଣା କରୁଛନ୍ତି କି ପ୍ରାୟ 0.76 ଏକର ପରିମିତ ଭୂମି ଉପରୋକ୍ତ ସାର୍ବଜନୀନ ଉଦ୍ଦେଶ୍ୟରେ ଆବଶ୍ୟକ ହେଉଅଛି ।

ଭୂ-ଅର୍ଜନ ଆଇନ୍‌ର 4 (1) ଧାରା ଅନୁଯାୟୀ ଅଧିସୂଚନା ନଂ. 24778, ତାରିଖ 20 ଜୁନ୍ 2005 ଓ ରାଜପତ୍ର ସଂ. 1066, ତାରିଖ 5 ଜୁଲାଇ 2005ରେ ପ୍ରକାଶିତ ହୋଇଥିବା ଭୂମି ଅନୁସୂଚୀ ଉକ୍ତ ଘୋଷଣାନାମା ଅନ୍ତର୍ଭୁକ୍ତ ଅଟେ ।

ଉକ୍ତ ଭୂମିର ଏକ ନକ୍ସା, ଭୂ-ଅର୍ଜନ ଅଧିକାରୀ, ହରିଦାସପୁର-ପାରାଦ୍ୱୀପ ନୂତନ ଓସାରିଆ ରେଳପଥ, କେନ୍ଦ୍ରାପଡ଼ାଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟାଳୟ ସମୟରେ ଦେଖିବାକୁ ମିଳିପାରିବ ।

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଦେବୀ ପ୍ରସାଦ ପଣ୍ଡା**

ଅନୁଶାସନ ସଚିବ


Printed and published by the Director of Printing, Stationery and Publication, Orissa, Cuttack-10

Ex. Gaz. 2033–193+20